# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ମୋହନ ଚରଣ ମାଝୀ ହେବେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ; କନକ ବର୍ଦ୍ଧନ ସିଂଦେଓ  ଓ ପ୍ରଭାତୀ ପରିଡା ଉପମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତାକାଲି ଶପଥଗ୍ରହଣ ସମାରୋହ

- ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ମନ୍ତ୍ରୀଭାବେ ଦାୟିତ୍ୱ ନେଲେ ଅଶ୍ୱିନୀ ବୈଷ୍ଣବ

- ଶୀତଳଷଷ୍ଠୀ ପାଇଁ ଉତ୍ସବମୁଖର ସମ୍ବଲପୁର ସହର; ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ; ରାତିରେ ନଗର ପରିକ୍ରମାରେ ବାହାରିବେ ଦେବଦମ୍ପତି

ଏବଂ

- ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆସନ୍ତାକାଲି ପାଇଁ ୫ଟି ଜିଲ୍ଲାକୁ ସତର୍କ ସୂଚନା

## ନୂଆ ମୁଖ୍ୟମନ୍ତ୍ରୀ-ମୋହନ ମାଝୀ

ବିଜେପି ବିଧାୟକ ଦଳ ବୈଠକରେ କେନ୍ଦୁଝର ବିଧାନସଭାରୁ ନିର୍ବାଚିତ ବରିଷ୍ଠ ନେତା ମୋହନ ଚରଣ ମାଝୀଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ହୋଇଛି । ଏ ନେଇ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଘୋଷଣା କରିଛନ୍ତି । ସେହିଭଳି କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଛି । ସୂଚନା ଅନୁସାରେ, ନୂଆ ମୁଖ୍ୟମନ୍ତ୍ରୀ ବାଛିବାକୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୋହନ ଚରଣ ମାଝୀ ବିଧାୟକ ଦଳର ନେତା ନିର୍ବାଚିତ ହୋଇଛନ୍ତି । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଭୂପେନ୍ଦ୍ର ଯାଦବ, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମଙ୍କ ସମେତ ସମସ୍ତ ନବନିର୍ବାଚିତ ବିଧାୟକ ଉପସ୍ଥିତ ଥିଲେ ।

ଶ୍ରୀ ମାଝୀ କେନ୍ଦୁଝରରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ୫୨ ବର୍ଷୀୟ ମୋହନ ଚରଣ ମାଝୀ ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତାକାଲି ଶପଥ ଗ୍ରହଣ କରିବେ । ତାଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥ ନେବେ । ନୂଆ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରୁ ନିର୍ବାଚିତ ହୋଇଛନ୍ତି । ଶ୍ରୀ ଦେଓ ପୂର୍ବରୁ ଦୁଇଥର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ । ନୂତନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରୀ ଜିଲ୍ଲା ନିମାପଡା ବିଧାନସଭା ଆସନରୁ ନିର୍ବାଚିତ ହୋଇଛନ୍ତି । ଶପଥଗ୍ରହଣ

ସମାରୋହରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ମୁଖ୍ୟମନ୍ତ୍ରୀ ଶପଥଗ୍ରହଣ

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୁଲିସ କମିସନର ସଂଜୀବ ପଣ୍ଡା କହିଛନ୍ତି, ସମାରୋହ ସରିବା ଯାଏଁ ଭୁବନେଶ୍ୱରର ବିଭିନ୍ନ ଅଂଚଳରେ ଯାନବାହାନ ଚଳାଚଳ ନେଇ କଟକଣା ଜାରି ରହିବ । ସେ କହିଛନ୍ତି, ଆଇ.ଜି ପ୍ରବୀଣ କୁମାର ଜନତା ମଇଦାନ ସୁରକ୍ଷା ଦାୟିତ୍ୱରେ ରହିବେ । ଆଇଜି ସାର୍ଥକ ଷଡ଼ଙ୍ଗୀ ବିମାନବନ୍ଦରର ତଦାରଖ ଓ ଉମାଶଙ୍କର ଦାସ ଟ୍ରାଫିକ ଦାୟିତ୍ୱରେ ରହିବେ ।

## ଶପଥ ଗ୍ରହଣ ଉତ୍ସବ-ଛୁଟି ଘୋଷଣା

ଶପଥ ଗ୍ରହଣ ଉତ୍ସବକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଆସୁଥିବା ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ନ୍ୟାୟିକ ଅଦାଲତ ଆସନ୍ତାକାଲି ଦିନ ଗୋଟାଏ ପରଠାରୁ ବନ୍ଦ ରହିବ । ରାଜ୍ୟପାଳ ରଘୁବର ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଅଶ୍ୱିନୀ ବୈଷ୍ଣବ

ସାଂସଦ ଅଶ୍ୱିନୀ ବୈଷ୍ଣବ ଆଜି କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ରେଳ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ୩ କୋଟି ଗ୍ରାମୀଣ ଓ ସହରାଞ୍ଚଳ ବାସଗୃହ ନିର୍ମାଣ ନିମନ୍ତେ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି।  ସରକାର ଦେଶବାସୀଙ୍କ ସେବା ଜାରି ରଖିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଶ୍ରୀ ବୈଷ୍ଣବଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଯାଜୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ।  ଏହି ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି.....

# - V/O –

## ନୀଟ୍ ୟୁଜି– ଏନ୍‌ଟିଏକୁ ନୋଟିସ୍

ନୀଟ୍ ୟୁଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କାଉନ୍‌ସେଲିଂ ଉପରେ ରହିତାଦେଶ ଆବେଦନକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଛନ୍ତି। ଏହି ମାମଲାରେ ସୁପ୍ରିମ୍‌କୋର୍ଟ ଆଜି ପରୀକ୍ଷା ପରିଚାଳନା ସଂସ୍ଥା ଏନ୍‌ଟିଏ ଏବଂ ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି।

ଏହି ପରୀକ୍ଷାରେ ୧ ହଜାର ୫୦୬ ଜଣ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ମିଳିବା ନେଇ ସୁପ୍ରିମ୍‌କୋର୍ଟରେ ପରୀକ୍ଷା ରଦ୍ଦ କରିବାକୁ ମାମଲା ରୁଜୁ ହୋଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୮ ତାରିଖରେ କରାଯିବାକୁ ସୁପ୍ରିମ୍‌କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

## ନାଲିବତୀ ସୁପ୍ରିମକୋର୍ଟ

ଗାଡ଼ିରେ ବେଆଇନ୍ ଭାବେ ନାଲି ବତୀ ବ୍ୟବହାର ସମ୍ପର୍କିତ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସଂଶୋଧିତ ମୋଟରଯାନ ନିୟମାବଳୀ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାରଙ୍କ କେଉଁ ପଦାଧିକାରୀ ନାଲିବତୀ ଗାଡି ବ୍ୟବହାର କରିବେ, ତାହା ରାଜ୍ୟ ସରକାର ସ୍ଥିର କରିବେ। ତେବେ ସେହି ନିର୍ଦ୍ଦେଶନାମାକୁ ଅମାନ୍ୟ କରି ରାଜ୍ୟର ଅଧିକାଂଶ ପଦାଧିକାରୀ ବେଆଇନ୍ ଭାବେ ନାଲିବତୀ ଗାଡ଼ି ବ୍ୟବହାର କରୁଥିବା ମାମଲାରେ ଦର୍ଶାଯାଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ ହେବାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁପାଳନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ଶିବବିବାହ-ଶୀତଳଷଷ୍ଠୀ

ସମ୍ବଲପୁରରେ ମହାଆଡମ୍ବରରେ ଦେବଦମ୍ପତ୍ତିଙ୍କର ବିବାହ ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନଙ୍କୁ ବିବାହବେଦୀରେ ଶିବପାର୍ବତୀ ଦର୍ଶନ ଦେଉଛନ୍ତି। ଆଜି ବିଳମ୍ବିତ ରାତିରେ ନବଦମ୍ପତ୍ତି ନଗର ପରିକ୍ରମା କରିବେ।

ଗତକାଲି ବିଳମ୍ବିତ ରାତିରେ ପଟୁଆର ପାଲିଙ୍କି ଉପରେ ବରବେଶରେ ସୁସଜ୍ଜିତ ହୋଇ ମହାଦେବ ବରାନୁଗମନ କରିଥିଲେ। କନ୍ୟାଘରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ରାତ୍ରିର ଚତୁର୍ଥ ପ୍ରହରରେ ହାତଗଣ୍ଠି ପଡିଥିଲା। ଦେବଦମ୍ପତ୍ତିଙ୍କ ଯୁଗଳମୂର୍ତ୍ତୀ ଦର୍ଶନ ପାଇଁ

ସମ୍ବଲପୁର ସହରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ୍ ମୁତୟନ ହୋଇଛନ୍ତି।

## ଶିବବିବାହ-୨

ବୌଦ୍ଧ ଜିଲ୍ଲାରେ ଦେବଦମ୍ପତ୍ତିଙ୍କର ବିବାହ ସମ୍ପନ୍ନ ହୋଇଛି। ଆଜି ରାତିରେ ନଗର ପରିକ୍ରମାରେ ମହାଦେବ-ପାର୍ବତୀ ବାହାରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ନୃପା ଗ୍ରାମର ବଜ୍ରେଶ୍ୱର ମହାଦେବ ବିରାମଚନ୍ଦ୍ରପୁରର ସୁବର୍ଣ୍ଣେଶ୍ୱର ମନ୍ଦିର ସମେତ ଅନ୍ୟ କେତେକ ସ୍ଥାନରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

## ସ୍ନାନପୂର୍ଣ୍ଣିମା-ଛୁଟି ବନ୍ଦ

ଦେବସ୍ନାନ ପୂର୍ଣ୍ଣିମାଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର କୌଣସି କର୍ମଚାରୀ ଛୁଟି ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆସନ୍ତା ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ପରେ ଜୁଲାଇ ୭ ତାରିଖରେ ରଥଯାତ୍ରା, ୧୫ ତାରିଖରେ ବାହୁଡା ଯାତ୍ରା ୧୯ ତାରିଖରେ ନିଳାଦ୍ରୀବିଜେ ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ତେବେ ଜରୁରୀ ଆବଶ୍ୟକତା କ୍ଷେତ୍ରରେ ଛୁଟି ନେବାପାଇଁ ମୁଖ୍ୟ ପ୍ରଶାସକଙ୍କ ଅନୁମତି ଦରକାର ହେବ ବୋଲି କୁହାଯାଇଛି।

## ପରୀକ୍ଷାଫଳ

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକ, ସ୍ନାତକୋତ୍ତର ଏବଂ ବିଏଡ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ସ୍ନାତକ ଶ୍ରେଣୀରେ ୩୮୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ସ୍ନାତକୋତ୍ତର ପରୀକ୍ଷାରେ ୨୫୮ ଜଣଙ୍କ ମଧ୍ୟରୁ ୨୩୭ ଜଣ ଓ

ବିଏଡ୍ ପରୀକ୍ଷାରେ ସମସ୍ତ ୪୨ ଜଣ କୃତକାର୍ଯ୍ୟ ହୋଇଛନ୍ତି।  ସ୍ନାତକରେ ସ୍ୱର୍ଣ୍ଣପ୍ରଭା ସାହୁ ଟପର ହୋଇଥିବାବେଳେ ବିଏଡ୍‌ରେ ସୁଦୀପ୍ତା ବେହେରା ଓ ମୋନାଲିସା ଜେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ କିରମିଟି ଗ୍ରାମ ତୁଳସୀ ସଂରକ୍ଷିତ ଜଙ୍ଗଲରେ ବିଏସ୍‌ଏଫ୍ ପକ୍ଷରୁ ବହୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। କମ୍ବିଂ ଅପରେସନ୍ ବେଳେ ଏହିସବୁ ସାମଗ୍ରୀ ଜବତ ହୋଇଥିବା ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଶିବବିବାହ-ଶୀତଳଷଷ୍ଠୀ

ସମ୍ବଲପୁରରେ ମହାଆଡମ୍ବରରେ ଦେବଦମ୍ପତ୍ତିଙ୍କର ବିବାହ ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନଙ୍କୁ ବିବାହବେଦୀରେ ଶିବପାର୍ବତୀ ଦର୍ଶନ ଦେଉଛନ୍ତି। ଆଜି ବିଳମ୍ବିତ ରାତିରେ ନବଦମ୍ପତ୍ତି ନଗର ପରିକ୍ରମା କରିବେ।

ଗତକାଲି ବିଳମ୍ବିତ ରାତିରେ ପଟୁଆର ପାଲିଙ୍କି ଉପରେ ବରବେଶରେ ସୁସଜ୍ଜିତ ହୋଇ ମହାଦେବ ବରାନୁଗମନ କରିଥିଲେ। କନ୍ୟାଘରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ରାତ୍ରିର ଚତୁର୍ଥ ପ୍ରହରରେ ହାତଗଣ୍ଠି ପଡିଥିଲା। ଦେବଦମ୍ପତ୍ତିଙ୍କ ଯୁଗଳମୂର୍ତ୍ତୀ ଦର୍ଶନ ପାଇଁ ସମ୍ବଲପୁର ସହରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ୍ ମୁତୟନ ହୋଇଛନ୍ତି।

## ଗ୍ରୀଷ୍ମପ୍ରବାହ

ଚଳିତବର୍ଷ ଦେଶରେ ଗ୍ରୀଷ୍ମପ୍ରବାହ ସବୁଠାରୁ ଅଧିକ ସମୟ ଧରି ଜାରି ରହିଥିବା ପାଣିପାଗ ବିଶେଷଜ୍ଞମାନଙ୍କ ପକ୍ଷରୁ ଜଣାପଡିଛି। ଗତମାସ

ମଧ୍ୟଭାଗରୁ ଉତ୍ତର ଭାରତର ଅନେକ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଦିନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିଛି। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଚଳିତବର୍ଷ ଦେଶର ବିଭିନ୍ନ ସ୍ଥାନରେ ୨୪ ଦିନରୁ ଅଧିକ ସମୟ ଧରି ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ସେ କହିଛନ୍ତି, ଚଳିତମାସରେ ମୌସୁମୀବର୍ଷା ଉତ୍ତର ଦିଗକୁ ଗତି କରୁଥିବାରୁ ଗ୍ରୀଷ୍ମପ୍ରକୋପ କମ୍ ହେବା ନେଇ ଅନୁମାନ କରାଯାଉଛି। ତେବେ ଆଗକୁ ଗ୍ରୀଷ୍ମପ୍ରବାହ ବୃଦ୍ଧିପାଇବ ବୋଲି ସେ କହିଛନ୍ତି। ମାନବୀୟ କାର୍ଯ୍ୟକଳାପ, ବୃଦ୍ଧି ପାଉଥିବା ଜନସଂଖ୍ୟା, ଶିଳ୍ପାୟନ ଓ ପରିବହନ ବ୍ୟବସ୍ଥା ଯୋଗୁଁ ପାଣିପାଗ ଉପରେ ଏହାର ଖରାପ ପ୍ରଭାବ ପଡୁଥିବା ଶ୍ରୀ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ଗତ ୧୦୦ ବର୍ଷ ମଧ୍ୟରେ ବିଶ୍ୱରେ ତାପମାତ୍ରା ୧ ଦଶମିକ ୧/୫ ଡିଗ୍ରୀ ବୃଦ୍ଧି ପାଇଥିବାବେଳେ ସେହି ସମୟରେ ଭାରତରେ ଶୂନ୍ ଦଶମିକ ୬/୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇଛି।

## ପାଣିପାଗ

ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଲାଗି ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆସନ୍ତାକାଲି ପାଇଁ ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗିର, ସମ୍ବଲପୁର ଓ ନୂଆପଡା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

*********************************